## ପୂର୍ବ ଶତ୍ରୁତାରୁ ଆକ୍ରମଣ, ବାପ ପୁଅ ଗୁରୁତର

କୁଆମରା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ଘାଘରା ଗ୍ରାମର ଜଣେ ଯୁବକ ପୂର୍ବ ଶତ୍ରୁତାକୁ ନେଇ ସେହି ଗ୍ରାମର ବାପ ଓ ପୁଅଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୭୫/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଦେବେନ୍ଦ୍ର ନାୟକଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ତାଙ୍କ ପୁଅ ଦିବାକର ଉଦଳା ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି।

### ସଂକ୍ଷେପରେ

## ରଥଯାତ୍ରା ପାଇଁ ଶଙ୍ଖ ହୁଳହୁଳି

**ବାରିପଦା ଅଫିସ, ୧୫ା୬:** ପୁରୀ ବ୍ୟତୀତ ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ରଥଯାତ୍ରା ହେବ ନାହିଁ ବୋଲି ସରକାରଙ୍କ ଘୋଷଣାକୁ ଓଡ଼ିଶା ମଠମନ୍ଦିର ସେବାୟତ ସଂଘ ବିରୋଧ କରିଛି। କୋଭିଡ୍ ନିୟମ ଭିତରେ ଶ୍ରୀକ୍ଷେତ୍ର ଭଳି ରାଜ୍ୟର ପ୍ରତ୍ୟେକ ପ୍ରତିଷ୍ଠିତ ଓ ଐତିହାସିକ ମନ୍ଦିରରେ ରଥଯାତ୍ରା କରାଯାଉ ବୋଲି ସଂଘ ଦାବି କରିଛି। ଏନେଇ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟର ପ୍ରତ୍ୟେକ ଘରେ ଶଙ୍ଖ, ହୁଳହୁଳି ଓ ଘଣ୍ଟ ବଜାଇ ପ୍ରତିବାଦ ଜଣାଇବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଲୋକେ ହୁଳହୁଳି ପକାଇ ଓ ଶଙ୍ଖ ବଜାଇ ଏହାକୁ ସମର୍ଥନ କରିଥିଲେ। ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦା ଶ୍ରୀଜଗନ୍ନାଥ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ସେବାୟତଙ୍କ ପକ୍ଷରୁ ରଥଯାତ୍ରା ଲାଗି ପ୍ରତିଦିନ ଦୀପ ଦାନ କରାଯାଉଛି। ରଥଯାତ୍ରା ପାଳିତ ହୋଇ ଆସୁଥିବା ରାଜ୍ୟର ଅନ୍ୟ ସମସ୍ତ ମନ୍ଦିର ଗୁଡ଼ିକରେ ଅନୁରୂପ ଭାବେ ପ୍ରତିଦିନ ଦୀପଦାନ କରାଯିବା ପାଇଁ ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ ଅନୁରୋଧ କରିଛନ୍ତି।

## ମଦ ଚାଲାଣ ବେଳେ ୨ ଗିରଫ

ଜଳେଶ୍ୱର, ୧୫ା୬(ଡି.ଏନ.ଏ.):ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ସେଖ୍ ଆସିଫ ଅଲ୍ଲୀଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଓ ଭୋଗରାଇ ଅବକାରୀ ଥାନା ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୨ ମଦ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଜଳେଶ୍ୱର ଥାନା ଅଗ୍ରୱାଲା ରୋଡ ନିକଟରୁ ମଙ୍ଗଳବାର ଏକ ବାଇକ୍‌ରେ ଯାଉଥିବା ୧୨୦ଲିଟର ଚୋରାମଦ ଓ କମର୍ଦ୍ଦା ଥାନାର ଶଗଡାସାହି ରାସ୍ତାରେ ଏକ ଭ୍ୟାନ୍‌ରେ ଯାଉଥିବା ୧୨୦୦ଲିଟର ପଶ୍ଚିମବଙ୍ଗ ମାର୍କା ଦେଶୀମଦକୁ ଜବତ କରାଯାଇ ଗାଡିଗୁଡିକୁ ଜବତ କରାଯାଇଛି। ଗିରଫ ୨ଜଣଙ୍କ ଘର ପଶ୍ଚିମବଙ୍ଗର ମିର୍ଜାପୁର ଅଞ୍ଚଳରେ। ସେମାନେ ହେଲେ ବିଜୟ ପ୍ରଧାନ ଓ ଠୁମ୍ପୁ ମୁର୍ମୁ। ଏନେଇ ମାମଲା (ନଂ. ୨୧/୨୧, ୩୫/୨୧) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ରାଜପଥରେ ଓଲଟିଲା କାର୍, ୨ ଆହତ



ରୂପସା, ୧୫ା୬(ଡି.ଏନ.ଏ.): ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ହଳଦୀପଦା ବାଇପାସ୍‌ଠାରେ ମଙ୍ଗଳବାର ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡ଼ିଛି। ଫଳରେ କାର୍ ଡ୍ରାଇଭର ଓ ମାଲିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବାଲେଶ୍ୱର ପଟୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା କାର୍ (ନଂ. ଓଡ଼ି୦୧ବିଜି-୦୬୬୪) ଦ୍ରୁତଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ବସ୍ତା ଥାନା ପୋଲିସ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ ଜାରି ରଖିଛି। ଆହତଦ୍ୱୟଙ୍କ ଘର ପଶ୍ଚିମବଙ୍ଗ ପାଞ୍ଚକୁଡ଼ା ଖମାରିଆ ଅଞ୍ଚଳରେ। ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଆଣି ଥାନା ହେପାଜତରେ ରଖିଛି। ଏଯାବତ୍ କୌଣସି ମାମଲା ରୁଜୁ ହୋଇନାହିଁ।

## ପାଲାଗାୟକଙ୍କ ପରଲୋକ

**ରୂପସା, ୧୫ା୬(ଡି.ଏନ.ଏ.):** ରୂପସା ଥାନା ରାଉତପଡ଼ା ପଞ୍ଚାୟତ ଅଧୀନ ବାରାପାଳ ଗ୍ରାମର ବିଶିଷ୍ଟ ପାଲା ଗାୟକ ଦେବେନ୍ଦ୍ର ମହାନ୍ତିଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୫ ହୋଇଥିଲା। ସେ ଦୀର୍ଘଦିନ ଧରି ଶ୍ୱାସ ରୋଗରେ ପୀଡ଼ିତ ରହି ଚିକିତ୍ସାଧୀନ ଥିଲେ। ଜଣେ ଦକ୍ଷ ପାଲା ଗାୟକ ଭାବେ ସମଗ୍ର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ସେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଶନିବାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୃତ୍ୟୁ ସମୟରେ ତାଙ୍କର ୩ ପୁଅ ଗଗନ, ସପନ, ତପନ, ପୁଅବୋହୂ, ଝିଅ ଜ୍ୱାଇଁ, ସ୍ତ୍ରୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା।

## ୫୦ ୟୁନିଟ୍ ରକ୍ତ ସଂଗ୍ରହ

ରେମୁଣା,୧୫ା୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ରେମୁଣା ବ୍ଲକର ଗାଞ୍ଜିଆ ଯୁବକ ସଂଘ, କୁଲିଗାଁ ତରଫରୁ ଶିରମନୀ ନୋଡ଼ାଲ ସ୍କୁଲ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଶିବିରରୁ ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ରକ୍ତର ଅଭାବକୁ ଆଖି ଆଗରେ ରଖି ଜିଲା ଛାତ୍ର ସଭାପତି ସିମନ ଦାସମହାପାତ୍ରଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।

# ବଦଳୁଛି ନାଲୁହା ନଦୀ ଗତିପଥ

କୁଆମରା,୧୫ା୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ନାଲୁହା ନଦୀର ଗତିପଥ ଗତ ୧୯୯୯ ମହାବାତ୍ୟାଠାରୁ ପ୍ରତିବର୍ଷ ବଦଳିବାରେ ଲାଗିଛି। କୂଳଖାଇ ଚାଲି ଥିବାରୁ ଏହି ନଦୀ ପାର୍ଶ୍ୱରେ ଅବସ୍ଥିତ ପଶୁଦା ପଞ୍ଚାୟତର ମହୁଲିଆ, ଗଡ଼ିସାହି, ଭୋଳପଦା ଓ ଘାଘରା ଆଦି ୪ ଗାଁକୁ ବିପଦ ଦେଖାଦେଇଛି। ନଦୀ କୂଳରେ ବସବାସ କରୁଥିବା ଏହି ୪ ଗ୍ରାମର ଶତାଧିକ ପରିବାରର ୫୦୦ ଲୋକ ବର୍ଷାଦିନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ନଦୀର ଉତ୍ତର ପାର୍ଶ୍ୱରେ ଏହି ସବୁ ଗ୍ରାମ ରହିଥିବା ବେଳେ ଦକ୍ଷିଣ ପାର୍ଶ୍ୱରେ ଚାଷ ଜମି ରହିଛି। ୨୦ ବର୍ଷ ତଳେ ନଦୀର ଗଭୀରତା ଏବଂ ଓସାର ଯେତିକି ଥିଲା ଏବେ ତାହା ଦୁଇ ଗୁଣକୁ ବୃଦ୍ଧି ପାଇଛି। ଧିରେଧିରେ ଏହି ନଦୀ ଜନବସତିର



କୂଳ ଖାଇବା ପରେ ବିପଦ ସୃଷ୍ଟି କରିଥିବା ନାଲୁହା ନଦୀ।

ନିକଟତର ହେଲାଣି। ତେବେ ଏହାର ପ୍ରତିକାର ହେଉ ନ ଥିବାରୁ ଉକ୍ତ ୪ ଗ୍ରାମ ନଦୀ ଗର୍ଭରେ ଲୀନ ହେବା ସହ ଚାଷ ଜମି କ୍ଷୟ ଘଟିବା ଆଶଙ୍କା ସୃଷ୍ଟି ହୋଇଛି।

ବହୁ ଲୋକ ନଦୀ କୂଳରେ ଥିବା ଟିକଟ ଭୁକ୍ତ ଜାଗାରେ ବର୍ଷ ତମାମ ନଦୀ ପାଣିକୁ ବ୍ୟବହାର କରି ପରିବା ଚାଷ କରୁଥିବା ବେଳେ ଏବେ ସେମାନଙ୍କ ଭାତ ହାଣ୍ଡି ଉଜୁଡ଼ି ଯିବାକୁ ବସିଛି। ଉକ୍ତ ନଦୀରୁ ବେଆଇନ ଭାବେ ବର୍ଷ ତମାମ ବାଲି ଉଠାଣ ହେଉଥିବା ବେଳେ ନଦୀର ଗଭୀରତା ବଢ଼ିବା ସହ ବନ୍ୟା ଆସିଲେ କୂଳ ଖାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମହାବାତ୍ୟା,

### ୪ ଗାଁକୁ ବିପଦ

ଫାଇଲିନ୍ ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଅନେକ ଚାଷ ଜମି ମଧ୍ୟ ବାଲିଚର ହେବା ସହ ନଦୀ ଗର୍ଭରେ ଲୀନ ହୋଇ ଯାଇଛି। ତେବେ ବର୍ଷା ଋତୁରେ ବାତ୍ୟା କିମ୍ବା ବନ୍ୟା ନାଁ ଶୁଣିଲେ ଲୋକେ ଆତଙ୍କିତ ଅବସ୍ଥାରେ ରହିବା ସହ ଘର ଦ୍ୱାର ଛାଡ଼ି ଉଚ୍ଚ ସ୍ଥାନକୁ ପଳାଇ ଯିବାର ନଜିର ରହିଛି। ଏନେଇ ପଶୁଦା ପଞ୍ଚାୟତର ସରପଞ୍ଚ ମାଇନ ଟୁଡୁଙ୍କୁ ପଚାରିବାରୁ ନଦୀବନ୍ଧ ପଥର ପ୍ୟାକିଂ ପାଇଁ ପ୍ରସ୍ତାବ ପଠାଯାଇଥିବା କହିଛନ୍ତି। ଏ ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ଶଶୀଧର ପତ୍ର, କମଳାକାନ୍ତ ପାତ୍ର, ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି, ସୁଦର୍ଶନ ମାରାଣ୍ଡି, ରାମରାୟ ହେମ୍ବ୍ରମ, ଦିବାକର ମାରାଣ୍ଡି ଏବଂ ୱାର୍ଡମେମ୍ବର ବାସୁଦେବ ମାରାଣ୍ଡି ପ୍ରମୁଖ ଦାବି କରିଛନ୍ତି।

## ଏଟିଏମ୍ କାର୍ଯ୍ୟକ୍ଷମ ପାଇଁ ବିକାଶ ମଞ୍ଚର ଉଦ୍ୟମ

ବୈଶିଙ୍ଗା,୧୫ା୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ବଜାର ଅଞ୍ଚଳରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍‌ରେ ୨ ବର୍ଷ ଧରି ତାଲା ଝୁଲୁଛି। ଫଳରେ ପ୍ରାୟ ୧୦ ହଜାରରୁ ଅଧିକ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟରେ ଲକ୍‌ଡାଉନ ଓ ଶଟ ଡାଉନ ଚାଲିଥିବା ବେଳେ ଲୋକେ ନଗଦ ଅର୍ଥ ଉଠାଣ ନିମନ୍ତେ ବ୍ୟାଙ୍କ ନ ଯାଇ ଏଟିଏମ୍ ଯିବାକୁ ନିରାପଦ ମଣି ଥାଆନ୍ତି। ତେବେ ଏଟିଏମ୍ ବନ୍ଦ ରହିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କୁ ହଟହଟା ହେବାକୁ ପଡୁଛି। ଏନେଇ ସୋମବାର 'ବଡ଼ସାହି ବେତନଟୀ ବିକାଶ ମଞ୍ଚ'ର ଏକ ପ୍ରତିନିଧି ଦଳ ବ୍ୟାଙ୍କ ପରିଚାଳିକାଙ୍କ ଅନୁପସ୍ଥିତିରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଶିଷ ମିଶ୍ରଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଆଲୋଚନା ବୈଠକରେ ପ୍ରଶାସନିକ ଅଧିକାରୀ ଆସନ୍ତା ଏକ ସପ୍ତାହ ମଧ୍ୟରେ ଏଟିଏମ୍ କାର୍ଯ୍ୟକ୍ଷମ ହେବ ବୋଲି ପ୍ରକାଶ କରିଥିଲେ। ବିକାଶ ମଞ୍ଚର ପ୍ରତିନିଧି ମଣ୍ଡଳୀରେ ଏହାର ପରିଚାଳକ ତଥା ଜିଲା ସାମ୍ବାଦିକ ସଂଘର ସଭାପତି ଅରୁଣ ଓଡା, ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ଅର୍ଜୁନ ଦଳେଇ, ଖବରଦାତା ସଞ୍ଜୟ ମିଶ୍ର, ସୀତାନାଥ ବେହେରା, ବିମଳେନ୍ଦୁ ମହାପାତ୍ର ଓ ସତ୍ୟପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଖଟିଆରେ ବୁହାହେଲେ ଗର୍ଭବତୀ



ସମ୍ପର୍କୀୟମାନେ ଗର୍ଭବତୀଙ୍କୁ ଖଟିଆରେ ବୋହି ନେଉଛନ୍ତି।

କପ୍ତିପଦା,୧୫ା୬(ଡି.ଏନ.ଏ.)

ବାତ୍ୟା ୟାସ୍ ଯୋଗୁ ରାସ୍ତା ଧୋଇ ଯିବାରୁ ଗାଁରେ ଆମ୍ବୁଲାନ୍ସ ପଶି ପାରିଲାନି। ଫଳରେ ଜଣେ ଗର୍ଭବତୀଙ୍କୁ ସମ୍ପର୍କୀୟମାନେ ଖଟିଆରେ ବୋହି ନେବା ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ରାଣୀପୋଖରୀ ପଞ୍ଚାୟତ ରଜତନଗର ଗ୍ରାମ ଘରଟିଆବୁଢ଼ାସାହିରେ ଏହି ଘଟଣା ଦେଖିବାକୁ ମିଳିଛି। ସୋମବାର ଗ୍ରାମର ସମା ସିଂଙ୍କ ଗର୍ଭଯନ୍ତ୍ରଣା ହୋଇଥିଲା। ସମ୍ପର୍କୀୟମାନେ ତାଙ୍କୁ ୧କି.ମି. ବାଟ ଖଟିଆରେ ବୋହିଆଣି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ସେଠାରୁ ତାଙ୍କୁ ଉଦଳା ଡ଼ାକ୍ତରଖାନା ନିଆଯାଇଥିଲା। ରାତିରେ ସମାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ତେବେ ତୁରନ୍ତ ଏହି ରାସ୍ତା ନିର୍ମାଣ ଲାଗି ଗ୍ରାମବାସୀ ଦାବି କରିଛନ୍ତି।

# 'ବ୍ୟାସକବି ଓଡ଼ିଆ କଥା ସାହିତ୍ୟର ଦିଗଦ୍ରଷ୍ଟା'



ଫକୀରମୋହନଙ୍କ ଶ୍ରାଦ୍ଧଦିବସ ଅବସରରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଅଫିସ, ୧୫ା୬

### ୧୦୩ତମ ଶ୍ରାଦ୍ଧଦିବସ ପାଳିତ

ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଓଡ଼ିଆ କଥାସାହିତ୍ୟର ଦିଗଦ୍ରଷ୍ଟା ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୦୩ତମ ଶ୍ରାଦ୍ଧଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କର ସମାଧିପୀଠ 'ଶାନ୍ତିଘାଟ'ଠାରେ ପରିଷଦର କର୍ମକର୍ତ୍ତା ଓ ସଦସ୍ୟଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ନିକଟସ୍ଥ ଛତୁଆ ପୋଖରୀରେ ତିଳତର୍ପଣ କରାଯାଇଥିଲା। ପରେ କବିତୀର୍ଥ ଶାନ୍ତିକାନନଠାରେ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କୋଭିଡ୍ ନିୟମ ପାଳନ ପୂର୍ବକ ସେଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପରିଷଦ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ।

ସଭା ଆରମ୍ଭରେ ପରିଷଦର ଆଜୀବନ ସଦସ୍ୟ ପ୍ରଫେସର ଚଣ୍ଡୀଚରଣ କର, ଶିଳ୍ପପତି ହିମାଂଶୁ ଦାସଙ୍କ ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରିଷଦର ପ୍ରାକ୍ତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, କବି କାଳିପଦ ପଣ୍ଡା, ଗବେଷକ ଡ. ଅମ୍ବରୀଶ ଦିଶ୍ଚା, ଉପସଭାପତି ଦୀନବନ୍ଧୁ ଲେଙ୍କା, ସମ୍ପାଦକ ଡ. କୁମାର ଗୋପାଳ ପ୍ରମୁଖ ଫକୀରମୋହନଙ୍କ ପ୍ରତି ଶ୍ରଦ୍ଧାର୍ଘ୍ୟ ଅର୍ପଣ କରିଥିଲେ। ସେମାନେ ନିଜ ବକ୍ତବ୍ୟରେ ଫକୀରମୋହନଙ୍କ ଅନ୍ତିମ ଜୀବନ, ପୁତ୍ର ମୋହିନୀମୋହନଙ୍କ ସହ ତାଙ୍କର ସମ୍ପର୍କ, ବିଶ୍ୱବ୍ୟାପୀ ତାଙ୍କର ସାହିତ୍ୟର ଅନୁବାଦ, ଗବେଷଣା ଓ ଚର୍ଚ୍ଚା ପ୍ରସଙ୍ଗରେ ଆଲୋକପାତ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଅନନ୍ତ ପ୍ରଧାନ, ଶରତ ଚନ୍ଦ୍ର ମହାପାତ୍ର, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ରଞ୍ଜନ ବାଗ, ବିଶ୍ୱନାଥ ରଣା, ଦୀପକ ଦାସ, ବାସନ୍ତୀ ଦେ, ସଞ୍ଜୟ ପଣ୍ଡା, ଡ. ସାରଙ୍ଗଧର ତ୍ରିପାଠୀ, ବିଦ୍ୟାଧର ସାହୁ, ସୁବ୍ରତା ହମାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବାରିପଦା ଅଫିସ,୧୫ା୬

ମୟୂରଭଞ୍ଜ ଜିଲା ୧୮ନଂ. ଜାତୀୟ ରାଜପଥର ବୁଢ଼ୀଖମାରୀଠାରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାରିପଦା ସଦର ଥାନା ରଙ୍ଗାମାଟିଆ ଗ୍ରାମର ସୂଚାରୁ ନାଏକ। ଗୁରୁତର ସୁଜିତ୍ ନାଏକଙ୍କୁ ଚିକିତ୍ସା ପାଇଁ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ବେତନଟୀ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବାଇକ୍ ଆରୋହୀ ଦ୍ୱୟ ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାଉଥିବା ବେଳେ ଏକ ଦ୍ରୁତଗାମୀ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା।

# ୪ଜଣଙ୍କ ନାମରେ ମାମଲା

ଖଇରା, ୧୫ା୬(ଡି.ଏନ.ଏ.)

### ବିଦ୍ୟୁତ୍ ଅଧିକାରୀଙ୍କୁ ମାଡ ଘଟଣା

ବାଲେଶ୍ୱର ଜିଲା ଅଧୀନ ଖଇରା ଉପଖଣ୍ଡରେ ବିଦ୍ୟୁତ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଆକାଂକ୍ଷା କମ୍ପାନୀର କୋଷାଧକ୍ଷ ଅଶୋକ ଦାସମହାପାତ୍ରଙ୍କୁ ମାଡ ମାରିବା ସହ ତାଙ୍କୁ ତାଲା ପକାଇ ଘରେ ପୂରାଇବା ଘଟଣାରେ ଖଇରା ପୋଲିସ ୪ଜଣଙ୍କ ନାମରେ ସୋମବାର ଏକ ମାମଲା(ନଂ.୧୩୦/୨୧) ରୁଜୁ କରିଛି। ଅଶୋକଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ୧୨ତାରିଖ ରାତିରେ ଅଶୋକ ଓ ତାଙ୍କର ଅନ୍ୟ ୨ ସହଯୋଗୀ କାର୍ଯ୍ୟାଳୟରେ ବସି ହିସାବପତ୍ର କରୁଥିବା ବେଳେ ନଟାପଡା ଗ୍ରାମର ଅଶୋକ ଲେଙ୍କା, ହୃଷିକେଶ ଲେଙ୍କା, ବିରେନ୍ଦ୍ର ଲେଙ୍କା, ଦିଗମ୍ବର ରାଉତ ଓ ଅନ୍ୟ କେତେଜଣ ସହଯୋଗୀ କାର୍ଯ୍ୟାଳୟରେ ପଶିଥିଲେ। ବାରମ୍ବାର ବିଦ୍ୟୁତ୍‌କାଟ କରାଯାଉଥିବା ଏବଂ ଦାୟିତ୍ୱରେ ଥିବା କର୍ମଚାରୀମାନେ ଫୋନ ଉଠାଉ ନ ଥିବା ଅଭିଯୋଗ ଆଣି ତାଙ୍କୁ ମାଡ ମାରିବା ସହ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ପରେ ସେମାନେ ଅଶୋକ ଏବଂ ତାଙ୍କ ସହଯୋଗୀଙ୍କୁ ଜବରଦସ୍ତ ଗାଡିରେ ବସାଇ ଗ୍ରାମକୁ ନେଇଯାଇ ଏକ ଘରେ ବନ୍ଦ କରି ରଖିଥିଲେ। ପରେ ଗ୍ରାମର ଶଶାଙ୍କ ମହାପାତ୍ର ଓ ଅନ୍ୟ କେତେଜଣ ବ୍ୟକ୍ତି ସେମାନଙ୍କୁ ଉଦ୍ଧାର କରିଥିଲେ। ୪ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

## ନୀଳଗିରି ରଥଯାତ୍ରା ପାଇଁ ଦୀପଜାଳି ନିବେଦନ

ସଜନାଗଡ଼, ୧୫ା୬(ଡି.ଏନ.ଏ.)

ନୀଳଗିରିରେ ଚଳିତବର୍ଷ ରଥଯାତ୍ରା ହେବା ଲାଗି ସୋମବାର ସନ୍ଧ୍ୟାରେ ଶିଶିର ରାଉତଙ୍କ ନେତୃତ୍ୱରେ ବୁଦ୍ଧିଜୀବୀ, ଶ୍ରଦ୍ଧାଳୁ, ମନ୍ଦିର ସେବାୟତ ମହାପ୍ରଭୁଙ୍କ ନିକଟରେ ଧୂପ, ଦୀପ ଜାଳି ପ୍ରଶାସନକୁ ଅନୁରୋଧ କରିଛନ୍ତି। ପୁରୀରେ ଯେପରି କୋଭିଡ୍ ନିୟମକୁ ମାନି ରଥଯାତ୍ରା ହେଉଛି ନୀଳଗିରି ବଡ଼ଦାଣ୍ଡରେ ମଧ୍ୟ ବିନାଭକ୍ତରେ ରଥ ଚକ ଗଡିବା ଲାଗି ପ୍ରଶାସନ ପାଖରେ ନିବେଦନ କରାଯାଇଛି। ଗତବର୍ଷ କରୋନା କଟକଣା ପାଇଁ ରଥ ନିର୍ମାଣ ହୋଇଥିଲେ ହେଁ ଶେଷ ମୁହୂର୍ତ୍ତରେ ରଥ ଚାଲି ପାରି ନ ଥିଲା।

# ୮୪ ବ୍ୟାଟେରି ସହ ବାଇକ୍ ଜବତ: ୨ ଗିରଫ

ରୂପସା/ବସ୍ତା, ୧୫ା୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ପୋଲିସ ସୋମବାର ଏକ ଆନ୍ତଃ ରାଜ୍ୟ ବ୍ୟାଟେରୀ ଚୋରି ର୍ୟାକେଟ ଧରିବାରେ ସକ୍ଷମ ହୋଇଛି। ପୋଲିସ ଏହି ର୍ୟାକେଟର ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେମାନଙ୍କଠାରୁ ୮ଲକ୍ଷ ଟଙ୍କାର ୮୪ ଚୋରି ବ୍ୟାଟେରି, ଏକ ବାଇକ୍ (ନଂ. ଓଡ଼ି୦୧ୟୁ-୩୭୪୭) ଓ ୨ ମୋବାଇଲ ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ସହଦେବଖୁଣ୍ଟା ଥାନା ଗଳାପୋଲ ଅଞ୍ଚଳର ସେକ୍ ସଲିମ ଓ ପଶ୍ଚିମବଙ୍ଗ ବୀରଭୂମି ଜିଲା ନଲଘାଟି ଥାନା ସୁକୁରାବାଦ ଗ୍ରାମର ନୁରୁଦ୍ଦିନ ସେକ। ଆଉ ୫ ଅଭିଯୁକ୍ତ ଫେରାର ଥିବା ମଙ୍ଗଳବାର ବସ୍ତା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ଜଳନ୍ଧର ଜାଲି ଓ ଆଇଆଇସି ସୁବ୍ରତ କୁମାର ବେହେରା ସୂଚନା ଦେଇଛନ୍ତି।

ବାତ୍ୟା ୟାସ୍‌ର ସୁଯୋଗ ନେଇ ମେ' ୨୫ ତାରିଖ ରାତିରେ ଦୁର୍ବୃତ୍ତମାନେ ଏକ ସ୍କର୍ପିଓ (ନଂ. ଓଆର୦୨ଏବି-୧୦୫୬)



ଗିରଫ ୨ ଅଭିଯୁକ୍ତ।



ଜବତ ଚୋରି ବ୍ୟାଟେରି।

### ଧରାପଡ଼ିଲା ଆନ୍ତଃରାଜ୍ୟ ବ୍ୟାଟେରୀ ଚୋରି ର୍ୟାକେଟ

ଯୋଗେ କୁଡ଼ିଆ ଗ୍ରାମର ସେକ ମହମ୍ମଦ ରଫିକଙ୍କର ଗାନ୍ଧୀ ଛକସ୍ଥିତ ଦୋକାନ ଶଟର ଭାଙ୍ଗି ୧୨ଲକ୍ଷ ଟଙ୍କାର ୧୨୦ଟି ବ୍ୟାଟେରି, ଇନଭର୍ଟର, ନଗଦ ୧୮ହଜାର ୭ଶହ ଟଙ୍କା ଓ ୭ଟି ରୁପା କଏନ୍ ଚୋରି କରିଥିଲେ। ଏନେଇ ମେ' ୨୭ତାରିଖରେ ପୋଲିସ ଏକ ମାମଲା (ନଂ. ୧୬୬/୨୧) ରୁଜୁ କରିଥିଲା। ଆଇଆଇସି ସୁବ୍ରତ ବେହେରାଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ପ୍ରଶାନ୍ତ କୁମାର ପାଣି, ତଦନ୍ତ ଅଧିକାରୀ ଏଏସ୍‌ଆଇ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ୨ଦିନ ଧରି ଚଢ଼ାଉ ହୋଇଥିଲା। ଚୋରି ବ୍ୟାଟେରିକୁ କିଣିଥିବା ବ୍ୟବସାୟୀ ନୁରୁଦ୍ଦିନ ସେକଙ୍କୁ ରେମୁଣା ଥାନା ସମରାଇପୁର ଅଞ୍ଚଳରେ ଥିବା ନିଜ ସ୍କ୍ରାପ ଦୋକାନରୁ ଗିରଫ କରାଯାଇ ୮ଲକ୍ଷ ଟଙ୍କା ମୂଲ୍ୟର ୪୪ ନୂଆ ଓ ୪୦ ପୁରୁଣା ବ୍ୟାଟେରି ଜବତ ହୋଇଛି।

# ରଜ ପାଳିଲେ କୁନି କୁନି ଝିଅ

ବାଲେଶ୍ୱର ଅଫିସ, ୧୫ା୬

ମହାମାରୀ କରୋନା ତାର କାୟା ବିସ୍ତାର କରି ଚାଲିଥିବା ବେଳେ ଦୀର୍ଘଦିନ ଧରି ସ୍କୁଲ, କଲେଜ ବନ୍ଦ ରହିଛି। ଇତିମଧ୍ୟରେ ଲୋକମାନେ ପର୍ବପର୍ବାଣି, ଯାତ୍ରା ଓ ମହୋତ୍ସବ ଘର ଭିତରେ ରହି ପାଳନ କରି ପରମ୍ପରାକୁ ଜୀବିତ ରଖୁଛନ୍ତି। ଏହି ପରିପ୍ରେକ୍ଷୀରେ ଡିଏଭି ପବ୍ଲିକ ସ୍କୁଲର ପ୍ରଥମ ଶ୍ରେଣୀର କୁନି କୁନି ଝିଅମାନେ ନିଆରା ଢଙ୍ଗରେ ରଜ ଉତ୍ସବ ପାଳନ କରିଛନ୍ତି। ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ପ୍ରତି ଅବଗତ କରାଇବା ଏବଂ କୁନି କୁନି ପିଲାଙ୍କ ମଧ୍ୟରେ ଓଡ଼ିଶାର ସଂସ୍କୃତି ପ୍ରତି ଉତ୍ସାହ ପରିଲକ୍ଷିତ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅଭିଭାବକମାନେ କହିଛନ୍ତି। ରୀତିକା ମହାପାତ୍ର, ତନିଶା ତ୍ରିପାଠୀ, ସୋନାକ୍ଷୀ ନାୟକ, ଅକ୍ଷେତା ପ୍ରିୟଦର୍ଶନୀ, ସ୍ୱସ୍ତିକା ମନ୍ତ୍ରୀ, ନିଶିପର୍ଣ୍ଣା ବେହେରାଙ୍କୁ ଏକାଠି କରି ଅଭିଭାବକମାନେ ଶୋଭାରାମପୁରସ୍ଥିତ ଜଳଧର ନିବାସ ପରିସରରେ ରଜ ଉତ୍ସବ ପାଳନ କରିଛନ୍ତି। ଅଳତା ପିନ୍ଧି ସଜବାଜ ହେବା ସହ ପିଲାମାନେ ନୂଆ ଡ୍ରେସ ପିନ୍ଧି ଦୋଳିରେ ଝୁଲିଥିଲେ। ପରସ୍ପରକୁ ବିଭିନ୍ନ ପିଠାପଣା ଖୁଆଇ ରଜ ପାଳନ କରିଥିଲେ। ସେମାନଙ୍କ ଅଭିଭାବକ ମଧ୍ୟ ପିଲାଙ୍କ ଖୁସିରେ ସାମିଲ ହୋଇଥିଲେ।



କୁନି ପିଲାମାନେ ଦୋଳି ଖେଳି ମଜା ଉଠାଉଛନ୍ତି।

# ମା' ଭୂଧାରଚଣ୍ଡୀଙ୍କ ପୀଠରେ ନିଆଁପାଟ, ଉଡ଼ାପର୍ବ

ସଜନାଗଡ଼,୧୫ା୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରିଠାରୁ ୫କି.ମି. ଦୂର ସଜନାଗଡ଼ ଗ୍ରାମର ଆମ୍ରକୁଞ୍ଜ ମଧ୍ୟରେ ପ୍ରତିଷ୍ଠିତ ଦେବୀ ମା' ଭୂଧାରଚଣ୍ଡୀଙ୍କ ପୀଠରେ ରଜ ସଂକ୍ରାନ୍ତିରେ ନିଆଁପାଟ ଓ ଉଡ଼ାପର୍ବ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ପାଳିତ ହୋଇଛି। ଗତବର୍ଷ କରୋନା କଟକଣା ପାଇଁ ଆଖପାଖ ଅଞ୍ଚଳର କମ୍ ଭକ୍ତଙ୍କୁ ନେଇ ଏହି ପର୍ବ ପାଳିତ ହୋଇଥିଲା। ଚଳିତବର୍ଷ ମଧ୍ୟ ଆଖପାଖ ଅଞ୍ଚଳର କମ୍ ସଂଖ୍ୟକ ଭକ୍ତଙ୍କୁ ନେଇ ଅନୁଷ୍ଠିତ ହୋଇଛି।

ମା' ଭୂଧାରଚଣ୍ଡୀଙ୍କ ପୀଠ ହେଉଛି ସଜନାଗଡ଼ ଅଞ୍ଚଳର ପ୍ରତ୍ୟକ୍ଷ ଦେବୀପୀଠ। ସବୁ ସୁବିଧା ଅସୁବିଧାରେ ଅଞ୍ଚଳବାସୀ ମା'ଙ୍କୁ ଡାକିଥାନ୍ତି। ମା' ମଧ୍ୟ ଭକ୍ତଙ୍କ ଡାକ ଶୁଣିଥାନ୍ତି ବୋଲି ବିଶ୍ୱାସ ରହିଛି। ରଜ ସଂକ୍ରାନ୍ତି ଅବସରରେ ୧୪ତାରିଖରେ ନିଆଁପାଟ ଓ ୧୫ତାରିଖରେ ଉଡ଼ାପର୍ବ ପାଳିତ ହୋଇଛି। କୋଭିଡ୍ କଟକଣା ପାଇଁ ମଙ୍ଗଳବାର ମନ୍ଦିର ପୂଜାରୀ ବିଜୟ କୁମାର ପଣ୍ଡା, ମନ୍ଦିରର ସର୍ଦ୍ଦାର ଚକ୍ରଧର ଦାସବାବୁ, ଭୂଧାରଚଣ୍ଡୀଙ୍କ ଦାସୀ, ଗଡ଼ବାଶୁଳି ଦାସୀ, ପାଟଭକ୍ତା, ଦେଶଭକ୍ତା ଚଣ୍ଡୀ ପୋଖରୀକୁ ଯାଇ ସ୍ନାନ କରି ପୂଜାର୍ଚ୍ଚନା କରିଥିଲେ। ଏହାପରେ ମନ୍ଦିର ସମ୍ମୁଖ ପଡ଼ିଆରେ ଏକ ୮ଫୁଟ୍ ଲମ୍ବର ଗର୍ତ୍ତ ଖୋଳାଯାଇ କୋଇଲାରେ ନିଆଁ ଲଗାଯାଇଥିଲା। ସେହି ନିଆଁରେ ଭକ୍ତାମାନେ ମା'ଙ୍କ ନାମ ଧରି ଚାଲିଥିଲେ। ଏହା ପରେ ଆରମ୍ଭ ହୋଇଥିଲା ଉଡ଼ାପର୍ବ। ପ୍ରତ୍ୟେକ ବର୍ଷ ୭୦ରୁ ୮୦ଜଣ ଭକ୍ତା ଆସୁଥିବା



ଜଣେ ଭକ୍ତା ଉଡୁଛନ୍ତି।

### କୋଭିଡ୍ କଟକଣାରେ ପାଳନ ହେଲା

ବେଳେ ଚଳିତବର୍ଷ କୋଭିଡ୍ କଟକଣାକୁ ଆଖିରେ ରଖି ୧୫ଜଣ ଭକ୍ତାରେ ପର୍ବ ଶେଷ ହୋଇଛି। ଭକ୍ତାମାନେ ଏଠି ଦେହରେ ଲୁହାକଣ୍ଟା ଫୋଡିଥାନ୍ତି। ଭକ୍ତାମାନେ କାଠଗଣ୍ଡିରେ ବନ୍ଧାଯାଇଥିବା ଦଉଡ଼ିରେ ଉଡ଼ିଥାଆନ୍ତି। ଏହାକୁ ଉଡ଼ା ପର୍ବ କୁହାଯାଇଥାଏ। ଏହି ପର୍ବ ରାଜା ରାଜୁଡ଼ା ସମୟରୁ ହୋଇଆସୁଛି। କିମ୍ବଦନ୍ତୀ ଅନୁଯାୟୀ, ଏହି ପରମ୍ପରା ଶହ ଶହ ବର୍ଷ ପୁରୁଣା। ଏହି ଉଡ଼ା ପର୍ବ ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ଲୋକେ ଆସିଥାନ୍ତି। ଦେବୀପୀଠ ସମ୍ମୁଖରେ ମେଳା ହୋଇଥାଏ। ଏଠାରେ ୧୦୦ରୁ ଊର୍ଦ୍ଧ୍ୱ ଦୋକାନୀ ବାହାରୁ ଆସିଥାନ୍ତି।

## ମୃତକଙ୍କ ମୁହଁ ଦେଖିବାକୁ ୫ ହଜାର ଦାବି

କେନ୍ଦୁଝର, (ସ୍ୱ.ପ୍ର.): କେନ୍ଦୁଝରସ୍ଥିତ ଏକ ଶ୍ମଶାନରେ ଜଣେ କୋଭିଡ୍ ମୃତକଙ୍କ ମୁହଁ ଦେଖାଇବାକୁ ଶ୍ମଶାନ କର୍ମଚାରୀ ୫ହଜାର ଟଙ୍କା ମାଗିବା ଘଟଣାର ଏକ ଭିଡିଓ ଭାଇରାଲ ହୋଇଛି। ଅନ୍ତିମ ସଂସ୍କାର କରୁଥିବା ଉକ୍ତ କର୍ମଚାରୀ ଏହି ଟଙ୍କା ମାଗିଥିବା ବେଳେ ପରେ ଏହାର ଭିଡିଓ ଉତ୍ତୋଳନ ହେଉଥିବା ଦେଖି ମୁହଁ ଦେଖାଇବାକୁ ମନା କରି ଦେଇଥିଲେ। ମୃତକ ହେଉଛନ୍ତି ଚମ୍ପୁଆ ଅଞ୍ଚଳର ଜଣେ ମହିଳା। ପ୍ରଶାସନ ଘଟଣାର ସତ୍ୟାସତ୍ୟ ଯାଞ୍ଚ କରୁଥିବା ଜଣାପଡିଛି।

## ସଂକ୍ଷେପରେ

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

**ଭଦ୍ରକ ଅଫିସ, ୧୫।୬:** ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଜାନୁଗଞ୍ଜ ଦୁର୍ଗା ମଣ୍ଡପ ସମ୍ମୁଖରେ ଥିବା ଏକ ଭଡ଼ାଘରୁ ଟାଉନ୍ ପୋଲିସ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ତିହିଡ଼ି ବ୍ଲକ ଅଞ୍ଚଳର ସଙ୍ଗୀତା ପୃଷ୍ଟି। ସେ ଭଦ୍ରକରେ ରହି ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ସୋମବାର ସନ୍ଧ୍ୟାରେ ଭିତର ପଟୁ କବାଟ ନ ଖୋଲିବାରୁ ଘର ମାଲିକ ସନ୍ଦେହ କରି ଡାକିଥିଲେ କିନ୍ତୁ ସେ କବାଟ ଖୋଲି ନଥିଲେ। ସ୍କାଏ ଲାଇଟ ବାଟେ ଦେଖିବା ବେଳକୁ ଫ୍ୟାନରେ ଓଢ଼ଣୀରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏନେଇ ଟାଉନ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୪୮/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ବାଇକ ଧକ୍କାରେ ଜୀବନଗଲା

**ବାସୁଦେବପୁର, ୧୫।୬(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର-ଇଚ୍ଛାପୁର ରାସ୍ତାର ଶୁକଦେବପୁର ଛକରେ ସୋମବାର ଏକ ବାଇକ୍ ଧକ୍କାରେ ଶୁକଦେବପୁର ଗ୍ରାମର ସେକ ସଇରୁଦ୍ଦିନଙ୍କର ମୃତ୍ୟୁ ହୋଇଛି। ସେ ନିକଟସ୍ଥ ରାସ୍ତାରେ ଯାଉଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା।

### ଭୋଜି କରି ଦଣ୍ଡ ଗଣିଲେ

**ପଦ୍ମପୁର, ୧୫।୬(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତର ସାନକୋରବାଟିଆ ଗ୍ରାମରେ କୋଭିଡ୍ ନିୟମ ଉଲ୍ଲଂଘନ କରି ବିବାହ ଭୋଜି ହେଉଥିଲା। ଶତାଧିକ ଲୋକ ଭୋଜିରେ ସାମିଲ ହୋଇଥିବା ବେଳେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ନାୟକାଣିଡିହୀ ଥାନାରେ ଅଭିଯୋଗ ହୋଇଥିଲା। ଖବର ପାଇ ଏଏସ୍ଆଇ ଦୀଲିପ କୁମାର ଦେହୁରୀ ପହଞ୍ଚି ୧୨ହଜାର ଟଙ୍କା ଜରିମାନା କରିଛନ୍ତି।

### ଉଦ୍ଧାର ହରିଣ ମୃତ

**ପାଟଣା,୧୫।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ତିଣ୍ଡା ବିଟ୍ ଅଞ୍ଚଳରୁ ମଙ୍ଗଳବାର ଉଦ୍ଧାର ହୋଇଥିବା ଏକ ହରିଣର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ କ୍ଷୀରେଇଟାଙ୍ଗିରି ବନପାଳ ଅମୂଲ୍ୟ ସେନାପତି ଓ ତୁରୁମୁଙ୍ଗା ପୋଲିସ ପହଞ୍ଚି ମୃତ ହରିଣଟିକୁ ପାଟଣା ରେଞ୍ଜ୍ କାର୍ଯ୍ୟାଳୟକୁ ଆଣିଥିଲେ। ହରିଣର ମୃତଦେହ ବ୍ୟବଚ୍ଛେଦ ପରେ ରେଞ୍ଜ୍ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବା ରେଞ୍ଜର ଟିକେଶ୍ୱର ମହାନ୍ତ କହିଛନ୍ତି।

### ୨ ନାବାଳକଙ୍କୁ ବାଳସୁଧାର ଗୃହ ପଠାଗଲା

**ପାଟଣା,୧୫।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ବଜାର ସ୍ଥିତ ଏକ ମୋବାଇଲ ଦୋକାନରୁ ଶନିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ସିସିଟିଭି ଫୁଟେଜ ଆଧାରରେ ପାଟଣା ପୋଲିସ ମଙ୍ଗଳବାର ୨ନାବାଳକଙ୍କୁ ଧରି କେନ୍ଦୁଝର ବାଳସୁଧାର ଗୃହରେ ହାଜର କରିଛି। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ.୭୯/୨୧) ରୁଜୁ ହୋଇଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଢେଙ୍କିକୋଟ,୧୫।୬( ଡି. ଏନ୍. ଏ.):** କେନ୍ଦୁଝର ଜିଲା ୨୦ ନଂ ଜାତୀୟ ରାଜପଥ ଚାନ୍ଦପଶି ଠାରେ ମଙ୍ଗଳବାର ଅପରାହ୍ନରେ ଏକ ସ୍କୁଟି ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ପରମାନନ୍ଦ କାର୍ଯ୍ୟୀ(୩୫) ନାମକ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ଉଭୟ ଗାଡ଼ିରେ ଥିବା ୫ଜଣ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଇଶରଚନ୍ଦ୍ର ପଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ପଠାଇ ଥିଲେ। ଏ ନେଇ ଘଟଗାଁ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି।

# ନିରାଡ଼ମ୍ବରରେ ଦେବ ଦମ୍ପତିଙ୍କ ବିବାହ

**ଆରଡି, ୧୫।୬(ଡି.ଏନ.ଏ.)**

ପବିତ୍ର ଶୀତଳ ଷଷ୍ଠୀରେ ଶିବ ବିବାହ ଉତ୍ସବ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ। କିନ୍ତୁ କରୋନା ମହାମାରୀ ୨ବର୍ଷ ହେଲା ନିରାଡ଼ମ୍ବରରେ ହୋଇଆସୁଛି। ଚଳିତ ବର୍ଷ ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡିରେ ମଙ୍ଗଳବାର ବାବା ଆଖଣ୍ଡଳମଣି ଓ ମାତା ପାର୍ବତିଙ୍କ ବିବାହ ଉତ୍ସବ ନିରାଡ଼ମ୍ବରରେ ଅନୁଷ୍ଠିତ ହୋଇଛି। କୋଭିଡ ନିୟମ ମାନି କେବଳ ନୀତିକାନ୍ତି ଅନୁଯାୟୀ ଏହି ବିବାହ କରାଯାଇଛି।

ସୋମବାର ସକାଳେ କନ୍ୟାପିତା ଚନ୍ଦ୍ରମଣି ପାଢୀଙ୍କ ଗୃହରେ ମାତା ପାର୍ବତୀ ଓ ବର ପିତା ରଶ୍ମୀ ରଞ୍ଜନ ପାଢୀଙ୍କ ଘରେ ବାବା ଆଖଣ୍ଡଳମଣିଙ୍କ ଚଳନ୍ତି ପ୍ରତିମା ପ୍ରଭୁ ଚନ୍ଦ୍ର ଶେଖରଙ୍କ ମଙ୍ଗୁଳା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ମାତା ପାର୍ବତୀଙ୍କୁ କନ୍ୟା ବେଶରେ ଓ ବାବା ଆଖଣ୍ଡଳମଣିଙ୍କୁ ବର ବେଶରେ ସଜ୍ଜିତ କରାଯାଇଥିଲା। ପୂର୍ବାହ୍ଣରେ ପବନ ସୁତ ହନୁମାନଙ୍କୁ ବରଧରା ବେଶରେ ସଜାଇ ପୁଷ୍ପମଣ୍ଡିତ ବିମାନରେ ସେବାୟତ ମାନେ ବରଗୃହକୁ ନେଇଯାଇଥିଲେ। ସେଠାରେ ବରପିତା କନ୍ୟାଘରର ଲୋକଙ୍କୁ ସମ୍ମାନ ସ୍ୱରୂପ ଜଳପାନ ବ୍ୟବସ୍ଥା କରିଥିଲେ। ମଧ୍ୟାହ୍ନରେ ଉଭୟ ବର କନ୍ୟାଙ୍କୁ ପୃଥକ ପୃଥକ ବିମାନରେ ମନ୍ଦିର ବେଢାକୁ ନିଆଯାଇଥିଲା। ସେଠାରେ ପୁଷ୍ପ ମଣ୍ଡିତ ବିବାହ ବେଦୀରେ ଦେବ ଦମ୍ପତିଙ୍କୁ



ବିବାହ ବେଦୀରେ ଶିବପାର୍ବତୀ।

ଅବସ୍ଥାପିତ କରାଯାଇଥିଲା। ଅପରାହ୍ନରେ ସମ୍ପୂର୍ଣ୍ଣ ଲୋକାଚାରରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କନ୍ୟାପିତା ଯୌତୁକ ବାବଦରେ ନାଗନାଗୁଣୀ, ବୃଷଭ, ବିବାହ ଅଳଙ୍କାର ଦେବା ସହିତ ମଶାଣୀଭୂଇଁ ମଧ୍ୟ ଦାନ କରିଥିଲେ। ଲକ୍‌ଡାଉନ୍ ଯୋଗୁ ୨ମାସ ହେଲା ମନ୍ଦିର ପ୍ରବେଶ ପଥରେ ତାଲା ଝୁଲୁଛି । ସେଥିପାଇଁ ଏହି ବିବାହ କାର୍ଯ୍ୟ ସମାପନ ବେଳେ କୌଣସି ଭକ୍ତ ପୀଠରେ ଉପସ୍ଥିତ ନ ଥିଲେ। ପୀଠରେ ୧୪୪ ଧାରା ବଜାୟ ରହିଥିବାରୁ ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ, ଆରଡି ଫାଣ୍ଡି ଅଧିକାରୀ କୁଳମଣି ପାତ୍ର, ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଦିନତମାମ ସେଠାରେ ଉପସ୍ଥିତ ଥିଲେ। ଚାନ୍ଦବାଲି ଅତିରିକ୍ତ ତହସିଲଦାର ପ୍ରଶାନ୍ତ ମହାରଣା, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ପ୍ରମୁଖ ପୀଠରେ ଉପସ୍ଥିତ ରହି ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ଅନୁଧ୍ୟାନ କରିଥିଲେ।

## ଆଧାର ପାଇଁ ଅଟକିଛି ଅଧିକାର

**ଭଦ୍ରକ ଅଫିସ, ୧୫।୬**

ଆଧାର ପାଇଁ ଅଟକିଛି ଅଧିକାର। ଆଧାର କାର୍ଡ ଖଣ୍ଡେ ନାହିଁ ବୋଲି ମିଳିପାରୁନି ସରକାରୀ ସହାୟତା। ଏପରି ଘଟଣା ଦେଖିବାକୁ ମିଳିଛି ଚାନ୍ଦବାଲି ବ୍ଲକ ଖେରଙ୍ଗ ରାଉତସାହିର ସଦାନନ୍ଦ ରାଉତ (୪୦)ଙ୍କ କ୍ଷେତ୍ରରେ। ସେ ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ରହିଛନ୍ତି। ଆଧାର କାର୍ଡ ନାହିଁ ବୋଲି ଦିବ୍ୟାଙ୍ଗ ସାର୍ଟିଫିକେଟ ଖଣ୍ଡେ ହୋଇପାରୁନାହିଁ। ପଞ୍ଚାୟତ ଠାରୁ ବ୍ଲକ ପ୍ରଶାସନ ଏପରିକି ଜିଲା ପ୍ରଶାସନର କୌଣସି ଅଧିକାରୀ ତାଙ୍କ ପ୍ରତି ସହୃଦୟ ହୋଇନାହାନ୍ତି। ତାଙ୍କୁ ପ୍ରାୟ୧୫ ବର୍ଷ ତଳେ ମେରୁଦଣ୍ଡରେ ପକ୍ଷାଘାତ ହେବାରୁ ଦୁଇହାତର ଆଙ୍ଗୁଠି ପଚିବାକୁ ଲାଗିଲା। ଡାକ୍ତର ତାଙ୍କ ଡାହାଣ ହାତ ଅସ୍ତ୍ରୋପଚାର କରି କାଟି ଦେଇଥିଲେ। ପରେ ବାମହାତ ଆପେ ଆପେ ଅକର୍ମଣ୍ୟ ହୋଇଗଲା। ପୁଷ୍ଟିସାର ଖାଦ୍ୟ ଅଭାବରୁ ଏଭଳି ହୋଇଥିବା ଡାକ୍ତର କହିଲେ। ଫଳରେ ସେ ଦିବ୍ୟାଙ୍ଗ ହୋଇଗଲେ । ଗ୍ରାମବାସୀ କିଛି ସାହାଯ୍ୟ କରି ତାଙ୍କୁ ଚିକିତ୍ସା ପାଇଁ କଟକ ନେଇଥିଲେ। ହେଲେ ଫଳ କିଛି ମିଳିଲା ନାହିଁ। ଥରେ ଆଧାର କାର୍ଡ ପାଇଁ ଫଟୋ ଉଠାଇଥିଲେ କିନ୍ତୁ ଦୁଇ ହାତର ଆଙ୍ଗୁଠି



ସଦାନନ୍ଦ ରାଉତ।

ଛାପ ଠିକ୍ ନ ହେବାରୁ ଆଧାରକାର୍ଡ ଆସିପାରିଲା ନାହିଁ। ସେବେଠାରୁ ସଦାନନ୍ଦଙ୍କ ପାଇଁ ଅଧିକାର ହେଲା ସାତ ସପନ। ଉକ୍ତ କାର୍ଡ ନ ଥିବାରୁ ଇନ୍ଦିରା ଆବାସ ପାଇଁ ଯୋଗ୍ୟ ହୋଇ ମଧ୍ୟ ବଞ୍ଚିତ ହୋଇଛନ୍ତି। ଏପଟେ ଦେହର କ୍ଷତ ଶୁଖୁ ନ ଥିବା ବେଳେ ସରକାରୀ ସହାୟତାରୁ ବଞ୍ଚିତ ଯୋଗୁ ସେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ଏନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ କହିଛନ୍ତି, ଆଙ୍ଗୁଠି ଛାପ ନଥାଇ ମଧ୍ୟ ଆଧାର କାର୍ଡ କରାଯିବାର ବ୍ୟବସ୍ଥା କରାଯିବ ଓ ସମସ୍ତ ସହାୟତା ଯେଭଳି ସେ ପାଇବେ ତା ପାଇଁ ଦୃଷ୍ଟି ଦିଆଯିବ।

## ସାନ୍ତାଳୀ ମହିଳାଙ୍କ ସଘନ ପ୍ରଣାଳୀରେ ମାଣ୍ଡିଆଚାଷ



ମାଣ୍ଡିଆ କ୍ଷେତରେ ମହିଳାମାନେ।

**କେନ୍ଦୁଝର, ୧୫।୬ (ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତର ଗୁହାଳଡିହି ଗ୍ରାମରେ ବୁଢାବୁଢି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଲକଡାଉନ୍ ସମୟରେ ସଘନ ପ୍ରଣାଳୀରେ ମାଣ୍ଡିଆ ଚାଷ କରାଯାଇଛି। ଏହି ଗୋଷ୍ଠୀରେ ୧୦ ଜଣ ସାନ୍ତାଳ ସମ୍ପ୍ରଦାୟର ମହିଳା ସାମିଲ ହୋଇ ପ୍ରଥମ ଥର ପାଇଁ ୭ ଏକର ପତିତ ଜମିରେ ମାଣ୍ଡିଆ ଚାଷ କରିଛନ୍ତି। ଆଇଡିଏ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ କୃଷିବିଭାଗ ଜ୍ଞାନ କୌଶଳ ଓ ପରାମର୍ଶରେ ଏହି ଚାଷ କରି ଅନ୍ୟ ମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛନ୍ତି । ମାଣ୍ଡିଆରେ କ୍ଷୀର ଠାରୁ ଅଧିକ କ୍ୟାଲସିୟମ ରହିଥିବାବେଳେ ଅଧିକ ଲୌହ, ଗ୍ଲୁଟିନ,ତନ୍ତୁ ଯୁକ୍ତ ହୋଇଥିବାରୁ ସ୍ୱାସ୍ଥ୍ୟ ପକ୍ଷେ ହିତକର। ଢିପ ଓ ପତିତ ଜମିରେ ପ୍ରଥମ ଥର ପାଇଁ ଚାଷ କରିଥିବା ଗୋଷ୍ଠୀର ସଭାନେତ୍ରୀ ହେମନ୍ତ ମାଝୀଙ୍କ ଉଦ୍ୟମରେ ସରସ୍ୱତୀ ମାଝୀ, ମରନାବତୀ ମାଝୀ, ଯଶୋବନ୍ତୀ ମାଝୀ, ସାଗି ମୁଣ୍ଡା, ନିମନ୍ତୀ ମାଝୀ ପ୍ରମୁଖ ୭ ଏକର ଜମିରେ ଚାଷ କରିଛନ୍ତି। ଏଥିପାଇଁ ୪ କେଜି ୨୦୦ ଗ୍ରାମ ମଞ୍ଜି ଆଇଡିଏ ପକ୍ଷରୁ ଯୋଗାଇଦିଆଯାଇଛି। ଏଥିରୁ ୪୯ କୁଇଣ୍ଟାଲ ମାଣ୍ଡିଆ ଯାହାର ଅମଳ ହେବା ନେଇ ଆଶାବାଦୀ ଅଛନ୍ତି। କୁଇଣ୍ଟାଲ ପ୍ରତି ମୂଲ୍ୟ ୩୩୭୭ରେ ସରକାରଙ୍କୁ ବିକିବେ। ଏହା ଛଡା ସରକାରଙ୍କ ଠାରୁ ଏକର ପିଛା ୨ ହଜାର ଟଙ୍କା ଅମଳ ପରେ ପାଇବେ ବୋଲି ସଂଯୋଜକ ଦେବାଶିଷ ଦାସ କହିଛନ୍ତି। ଏହା ଦ୍ୱାରା ଆଦିବାସୀ ମହିଳା ମାନେ ସ୍ୱାବଲମ୍ବୀ ହେବା ସହ ରୋଜଗାରକ୍ଷମ ହୋଇ ପରିବାର ପ୍ରତିପୋଷଣରେ ସହାୟକ ହୋଇ ପାରିବେ।

## ରୋଗୀଙ୍କୁ ମିଳିବ ଅକ୍ସିଜେନ ସିଲିଣ୍ଡର

**ଯୋଡ଼ା,୧୫।୬(ଡି.ଏନ୍.ଏ)**

କେନ୍ଦୁଝର ଜିଲାରେ କୋଭିଡ୍ ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବର୍ଗର ଜନସାଧାରଣ, ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଭଏସ ଅଫ କେନ୍ଦୁଝରର ଆଡମିନ୍ ଡ. ସନ୍ଦିପ ପଟ୍ଟନାୟକ ଜନସେବାରେ ନିଜକୁ ନିୟୋଜିତ କରିଛନ୍ତି। ଜିଲାରେ ଅକ୍ସିଜେନ ସଙ୍କଟକୁ କିଛିମାତ୍ରାରେ ଦୂର କରିବା ପାଇଁ ଭଏସ ଅଫ କେନ୍ଦୁଝରର ସଦସ୍ୟଙ୍କର ଆର୍ଥିକ ସହାୟତାରେ ୩ଗୋଟି ଅକ୍ସିଜେନ ସିଲିଣ୍ଡର ପାଇଛନ୍ତି। ଉକ୍ତ ସିଲିଣ୍ଡର ଗୁଡିକୁ ଜରୁରୀକାଳୀନ ରୋଗୀସେବା ଆବଶ୍ୟକତା ଅନୁଯାୟୀ ଭଏସ ଅଫ କେନ୍ଦୁଝର ପକ୍ଷରୁ ଯୋଗାଇ ଦିଆଯିବ। ଭଏସ ଅଫ କେନ୍ଦୁଝରର ଏହି ବଳିଷ୍ଠ ପଦକ୍ଷେପକୁ ସମଗ୍ର ଜିଲାରେ ପ୍ରଶଂସା କରାଯାଇଛି।

## ଭାଲୁ ଆକ୍ରମଣରେ ଗୁରୁତର

**ପାଟଣା, ୧୫।୬ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖୀରେଇଟାଙ୍ଗିରୀ ସେକ୍ସନ କାଳାପାଳ ଜଙ୍ଗଲକୁ ମଙ୍ଗଳବାର ଶାଳପତ୍ର ତୋଳିବାକୁ ଯାଇ ସତ୍ୟାନନ୍ଦ ନାଏକ ନାମକ ଜଣେ ବ୍ୟକ୍ତି ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କ ଘର ଖିରେଇଟାଙ୍ଗିରୀ ଗ୍ରାମ ଉଦଗର ସାହିରେ। ଭାଲୁ ଆକ୍ରମଣରେ ତାଙ୍କ ବାମ ହାତ ବାହୁ ଓ ଛାତିରେ ଗଭୀର କ୍ଷତ ହୋଇଛି। ସତ୍ୟାନନ୍ଦ ପତ୍ର ତୋଳିବାକୁ ଜଙ୍ଗଲରେ ପଶିଥିବା ବେଳେ ଏକ ଭାଲୁ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ସେ ଜଙ୍ଗଲ ରେ ଭାଲୁ ସହ ବହୁ ସମୟ ସଂଘର୍ଷ ପରେ ଭାଲୁ କବଳ ରୁ ମୁକୁଳିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଖୀରେଇଟାଙ୍ଗିରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଡକାୟତି ଯୋଜନା ପଣ୍ଡ, ୪ ଗିରଫ

### ୯ଏମ୍ଏମ୍ ପିସ୍ତଲ, ଟଙ୍କା, ମୋବାଇଲ ଜବତ

**ଯୋଡ଼ା,୧୫।୬(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କଣ୍ଡରା-ଦାମପୁର ରାସ୍ତାରେ ଟ୍ରକ୍‌ରୁ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବିଦେଶୀ ପିସ୍ତଲ, ନଗଦ ଟଙ୍କା, ମୋବାଇଲ, କ୍ୟାମେରା ଜବତ ହୋଇଛି। ସୋମବାର ବିଳମ୍ବିତ ରାତିରେ ଏକ ଜାଇଲୋରେ କେତେକ ଯୁବକ ସନ୍ଦିଗ୍ଧ ଅବସ୍ଥାରେ ଉକ୍ତ ଅଞ୍ଚଳରେ ବୁଲୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ ସୂଚନା ପାଇବା ପରେ ବିଲେଇପଦା ଫାଣ୍ଡି ଅଧିକାରୀ ଶେଖ ଆଖାରୁଦ୍ଦିନଙ୍କୁ ଏ ସଂକ୍ରାନ୍ତରେ ଜଣାଇଥିଲେ। ଫାଣ୍ଡି ଅଧିକାରୀ ଆଖାରୁଦ୍ଦିନ, ଯୋଡ଼ା ଥାନା ସବଇନ୍ସପେକ୍ଟର ସସ୍ମିତା ହରୋ, ଚିନ୍ମୟ ବଳ ପ୍ରମୁଖ ସଦଳବଳ ଚଢ଼ାଉ କରି ଗାଡ଼ି ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ୪ଜଣଙ୍କ ବ୍ୟତୀତ ଜଣେ ନାବାଳକ ମଧ୍ୟ ଏହି ଗାଡ଼ିରେ ଥିଲେ। ଅଭିଯୁକ୍ତ ୪ଜଣ ହେଲେ ଝାଡ଼ଖଣ୍ଡ ରାଜ୍ୟ ଘାଟଶୀଳା ଅଞ୍ଚଳର ରବି କୁମାର ଝା, ଜଗନ୍ନାଥପୁର ଅଞ୍ଚଳର ରୋସନ ପ୍ରସାଦ ଓ ରାଜ କଶେରା, ଚାଇଁବସା ଅଞ୍ଚଳର ଶମ୍ଭୁ କୁମାର ମହାତୋ। ଏମାନଙ୍କଠାରୁ ପୋଲିସ ଏକ ୯ଏମ୍ଏମ୍ ଆମେରିକା ନିର୍ମିତ ପିସ୍ତଲ, ୭ଟି ମୋବାଇଲ, ନଗଦ ୭ହଜାର ୫ଶହ ଟଙ୍କା, ଏକ ଅତ୍ୟାଧୁନିକ କ୍ୟାମେରା ଜବତ କରିଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା (ନଂ. ୯୯/୨୧) ରୁଜୁ ହୋଇଛି। ଯୋଡ଼ା-ରିମୁଳି ଜାତୀୟ ରାଜପଥରେ ଡକାୟତି କରିବାର ଯୋଜନା ଏମାନଙ୍କର ଥିଲା ବୋଲି ଘଟଣାର ତଦନ୍ତକାରୀ ଅଧିକାରୀ ଆଖାରୁଦ୍ଦିନ କହିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ରାଉରକେଲାସ୍ଥିତ ବାଳସୁଧାର କେନ୍ଦ୍ରକୁ ପଠାଯାଇଛି।



ଗିରଫ ଅଭିଯୁକ୍ତ।

## ଟ୍ରକ୍‌କୁ ପିଟିଲା ବୋଲେରୋ: ୨ ମୃତ

**ପାଟଣା,୧୫।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ୪୯ ନଂ. ଜାତୀୟ ରାଜପଥ ତୁରୁମୁଙ୍ଗାସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ରବିବାର ବିଳମ୍ବିତ ରାତିରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ବୋଲେରୋ ଧକ୍କା ଦେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ବୋଲେରୋରେ ଥିବା ଜଣେ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ଓ ଅନ୍ୟ ଜଣଙ୍କୁ ହସ୍ପିଟାଲ ନେବା ବାଟରେ ମୃତ୍ୟୁ ହୋଇଥିଲା। ମୃତକ ୨ ବ୍ୟକ୍ତି ହେଲେ ଖିରେଇଟାଙ୍ଗିରି ଗ୍ରାମର ଗୋପାଳ ଚନ୍ଦ୍ର ମହାନ୍ତ ଓ ଦିଲୀପ କୁମାର ମହାନ୍ତ। ସେମାନେ ୪୯ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ମଣ୍ଟେକାର୍ଲୋ ଠିକା ସଂସ୍ଥାରେ ନିୟୋଜିତ ଥିବା କର୍ମଚାରୀ ବୋଲି ଜଣାପଡ଼ିଛି। ତୁରୁମୁଙ୍ଗା ପୋଲିସ ଏନେଇ ଏକ ଦୁର୍ଘଟଣାଜନିତ ମାମଲା (ନଂ.୬୨/୨୧) ରୁଜୁ କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୋମବାର ଅପରାହ୍ନରେ ମଣ୍ଟେକାର୍ଲୋ କାର୍ଯ୍ୟାଳୟ ସମ୍ମୁଖରେ ୨ ମୃତଦେହ ରଖି ପରିବାର ଓ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଧାରଣା ବସିଥିଲେ। ସନ୍ଧ୍ୟାରେ ଉକ୍ତ ଠିକା ସଂସ୍ଥାର ଏଚ୍ଆର ସତ୍ୟନାରାୟଣ ନନ୍ଦ ଧାରଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ୧ଲକ୍ଷ ଲେଖାଏ ଅନୁକମ୍ପା ରାଶି ଓ ଉକ୍ତ ଅଞ୍ଚଳରେ କମ୍ପାନୀର କାର୍ଯ୍ୟ ଚାଲୁଥିବା ପର୍ଯ୍ୟନ୍ତ ମୃତକ ଦୁହେଁ ଯେତିକି ଲେଖାଏ ଦରମା ପାଉଥିଲେ ତାଙ୍କ ପରିବାରକୁ ସେତିକି ଦରମା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକ ମୃତ

**ବାସୁଦେବପୁର, ୧୫।୬(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୨ନଂ ୱାର୍ଡର ରାଧାକାନ୍ତପୁର ଗ୍ରାମର ବାସୁଦେବ ମିଶ୍ର(୪୫)ଙ୍କର ମଙ୍ଗଳବାର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି। ମୃତ ବାସୁଦେବ ଘରେ ଏକ ମୋଟରକୁ ସଜାଡୁଥିବା ବେଳେ ଅସାବଧାନବଶତଃ ବିଦ୍ୟୁତ ତାର ତାଙ୍କ ଦେହରେ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନା ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନ୍ୟାୟ ଲାଗି ଏସ୍‌ପିଙ୍କୁ ଗୁହାରି କଲେ ମହିଳା

**ଭଣ୍ଡାରିପୋଖରୀ,୧୫।୬(ଡି.ଏନ.ଏ.)**

ଅଭିଯୁକ୍ତଙ୍କୁ ପୋଲିସ ଗିରଫ ନ କରିବା ପ୍ରତିବାଦରେ ନିର୍ଯାତନାର ଶିକାର ଜଣେ ମହିଳା ନ୍ୟାୟ ପାଇଁ ଭଦ୍ରକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଉକ୍ତ ମହିଳାଙ୍କୁ ତାଙ୍କ ଶାଶୁ ଘର ଲୋକେ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଭଣ୍ଡାରିପୋଖରୀ ପୋଲିସ ୧୫ଜଣଙ୍କ ନାଁରେ ମାମଲା(ନଂ.୧୮୮/୨୧) ରୁଜୁ କରିଥିଲା। କିନ୍ତୁ ୬ ଦିନ ବିତି ଯାଇଥିବା ବେଳେ ଅଭିଯୁକ୍ତ ସ୍ୱାମୀ ଓ ଅନ୍ୟମାନଙ୍କୁ ପୋଲିସ ଗିରଫ କରିବାକୁ ସଫଳ ହୋଇ ନ ଥିଲା। ପୋଲିସ କୋହଳ ମନୋଭାବ ଦେଖାଉ ଥିବା କାରଣରୁ ନିଜ ବାପାଙ୍କ ସହ ମହିଳା ଜଣକ ଏସ୍‌ପିଙ୍କୁ ଭେଟି ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ।

ପୋଲିସ ସୂଚନା ଅନୁଯାୟୀ, ଭଣ୍ଡାରିପୋଖରୀ ଥାନା ଓଳା ଗ୍ରାମର ପରମାନନ୍ଦ ସାହୁଙ୍କ ଝିଅ ସସ୍ମିତା ଗତ ୨୦୧୭ ମେ ୭ ତାରିଖରେ ମଞ୍ଜୁରୀରୋଡ଼ ଫାଣ୍ଡି ଅଧୀନ ସାତସୋଳା ଗ୍ରାମର ନାରାୟଣ ଚନ୍ଦ୍ର ଖଣ୍ଡୟୀଙ୍କ ପୁଅ ନିତ୍ୟ ଚିନ୍ମୟଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବର ପକ୍ଷଙ୍କ ଦାବି ମୁତାବକ ଯାନି ଯୌତୁକ ଦିଆଯାଇଥିଲା। ମାତ୍ର ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ସସ୍ମିତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଇତି ମଧ୍ୟରେ ୩ବର୍ଷର ପୁଅକୁ ସସ୍ମିତାଙ୍କଠାରୁ ଛଡ଼ାଇ ନେଇ ମାଡ଼ ମାରି ବାପ ଘର ଗାଁ ମୁଣ୍ଡରେ ଛାଡ଼ି ଦେଇଥିଲେ। ଗତ ୭ ତାରିଖରେ ସସ୍ମିତା ତାଙ୍କ ବାପା ଓ ଭାଇଙ୍କ ସହ ଶାଶୁଘରକୁ ଆସିଥିବା ବେଳେ ଶାଶୁ, ଶ୍ୱଶୁର, ସ୍ୱାମୀ, ନଣନ୍ଦ, ନଣନ୍ଦେଇ ଓ ଅନ୍ୟମାନେ ସେମାନଙ୍କୁ ମାଡ଼ ମାରିଥିଲେ। ସସ୍ମିତା ୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ୧୩ ତାରିଖରେ ମଧ୍ୟସ୍ଥିଙ୍କ ଜରିଆରେ ଶିଶୁ ପୁତ୍ରକୁ ଥାନାକୁ ଆଣି ସସ୍ମିତାଙ୍କୁ ହସ୍ତାନ୍ତର କରାଯାଇଥିଲା। ମଙ୍ଗଳବାର ନିତ୍ୟ ଚିନ୍ମୟଙ୍କୁ ପୋଲିସ ଅଟକ ରଖିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଫିକା ପଡ଼ିଲା ସୀତାବିଞ୍ଜି ମେଳା

**ଢେଙ୍କିକୋଟ, ୧୫।୬(ଡି.ଏନ.ଏ.)**

କେନ୍ଦୁଝର ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହେଉଛି ସୀତାବିଞ୍ଜି। ଏଠାରେ ପ୍ରତି ବର୍ଷ ରଜ ସଂକ୍ରାନ୍ତି ଠାରୁ ୩ ଦିନ ଧରି ମେଳା ଲାଗି ରହିଥାଏ। ବହୁ ଲୋକ ଦେଖିବାକୁ ଆସିଥାନ୍ତି। କିନ୍ତୁ ଚଳିତବର୍ଷ କରୋନା ପାଇଁ ମେଳା ଫିକା ପଡ଼ିଛି। ଅଧିକ ଲୋକଙ୍କ ସମାଗମ ହୋଇନାହିଁ। କଟକଣାରେ ରୀତିନୀତି ଅନୁଯାୟୀ ଏହା ପାଳନ କରାଯାଇଛି।

ପ୍ରକାଶ ଯେ, କିମ୍ବଦନ୍ତୀ ଅନୁଯାୟୀ ଏଠାରେ ମା'ସୀତାଙ୍କୁ ପଭୁ ରାମଚନ୍ଦ୍ର ଛାଡି ଚାଲିଯାଇଥିଲେ। ସେଠାରେ ସୀତାଙ୍କ ଗର୍ଭରୁ ଲବ ଓ କୁଶ ଜନ୍ମଗ୍ରହଣ କରିଥିଲେ। ଜନ୍ମ ହେବା ପରେ ସେମାନେ ପାଷାଣ ହୋଇଯାଇ ଏଠାରେ ପୂଜା ପାଇ ଆସୁଛନ୍ତି। ଏଠାକୁ ପ୍ରତିବର୍ଷ ରଜ ସଂକ୍ରାନ୍ତି ଦିନ ଆସି ସୀତା ନଦୀରେ ବୁଡ ପକାଇ ମା' ସୀତା ଠାକୁରାଣୀ ଓ ତାଙ୍କ ଜମଜ ପୁତ୍ର ଦ୍ୱୟଙ୍କୁ ଦର୍ଶନ କରିଲେ, ପୂର୍ବ ପୁରୁଷଙ୍କ ଆତ୍ମା ସଦଗତି ହୋଇଥାଏ



ସୀତାବିଞ୍ଜିରେ ପାରମ୍ପରିକ ରୀତିରେ ପୂଜା କରାଯାଉଛି।

ବୋଲି କୁହାଯାଏ। ଏହା ଯୁଗ ଯୁଗର ପରମ୍ପରା ଭାବରେ ଚାଲି ଆସିଛି। ଆଜି ମା'ଙ୍କ ପର୍ବ, ଏଥିନିମନ୍ତେ ଏକ ସ୍ୱତନ୍ତ୍ର ପୂଜା ପାଠ ହେଇଥାଏ। ମଙ୍ଗଳବାର ଭୋର ୬ଟାରେ ଦେହୁରୀ ନାଥ ଦେହୁରୀ, ନାରଣ ଦେହୁରୀ, ମାଘ ଦେହୁରୀ ପ୍ରମୁଖ ଘରୁ ମା'ଙ୍କ ପୂଜା ବିଧି ଉପକରଣ ଆଣି ସନ୍ତାନ କାର୍ଯ୍ୟ ସମ୍ପୂର୍ଣ୍ଣ ସହ ସଜବାଜ ଓ ସକାଳ ଆଳତୀ ପୂଜା ପାଠ ଯଥାବିଧି କରିଛନ୍ତି। ମଧ୍ୟାହ୍ନରେ ଯଥାବିଧି ପଣା ହାଣ୍ଡି ନିଆଯାଇ ମା'ଙ୍କ ବାଟ ପୂଜା କରାଯାଇଛି। ଟ୍ରଷ୍ଟି ଦୁଃଶାସନ ନାୟକ, ସଦସ୍ୟ ମଧୁସୂଦନ ନାୟକ, ମନୋଜ କୁମାର ନାୟକ, ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଛନ୍ତି। ପ୍ରତିବର୍ଷ ଲକ୍ଷାଧିକ ଭକ୍ତ ଙ୍କ ସମାଗମ ହେଉଥିବା ବେଳେ ଚଳିତ ବର୍ଷ ମଧ୍ୟ ବହୁ ଭକ୍ତ ବୁଡ ପକାଇ ମା'ଙ୍କୁ ଦର୍ଶନ କରିଛନ୍ତି। ଶାନ୍ତିଶୃଙ୍ଖଳା ନିମନ୍ତେ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଈଶରଚନ୍ଦ୍ର ପଧାନ, କନଷ୍ଟେବଳ ପ୍ରସନ୍ନ କୁମାର ବାରିକ, ଏଏସଆଇ ଭରତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

